**ସଂକ୍ଷେପରେ**

## ଗଛରେ ପିଟିହେଲା ବାଇକ୍, ଚାଳକ ଗୁରୁତର

ବୁଗୁଡ଼ା,୩।୧୨(ଡି.ଏନ.ଏ.): ବୁଗୁଡ଼ା ସହର ଉପକଣ୍ଠ ସନ୍ତୋଷୀ ମନ୍ଦିର ନିକଟରେ ମଙ୍ଗଳବାର ମଧାହ୍ନ ପ୍ରାୟ ୧୨ଟାରେ ଏକ ବାଇକ୍ ଗଛରେ ପିଟି ହେବାରୁ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ କୋଦଳା ଥାନା ଦାନପୁର ଗ୍ରାମର ଅନନ୍ତ ନାୟକ (୫୫)। ଅନନ୍ତ ବୁଗୁଡ଼ା ନେଳିଆବନ୍ଧ ଦଳିତ ସାହିରୁ ବାଇକ୍‌ରେ ଘରକୁ ଫେରୁଥିଲେ । ସେ ଗଲା ବେଳେ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଅଗ୍ନିଶମ ବାହିନୀ ଗାଡ଼ିରେ ତାଙ୍କୁ ବୁଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ପରେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଥିଲା ।

## ଯୌତୁକ ଦାବିରେ ନବବଧୂଙ୍କୁ ହତ୍ୟା ଅଭିଯୋଗ

ଗଞ୍ଜାମ,୩।୧୨(ଡି.ଏନ.ଏ.): ହୁମ୍ମା ଫାଣ୍ଡି ଅନ୍ତର୍ଗତ ଗିରିଧାରୀ ସାହିରେ ଜଣେ ନବବଧୂଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ପୋଲିସ ଉଦ୍ଧାର କରିଛି। ସେ ହେଲେ ରଶ୍ମିତା ସାହୁ (୨୦)। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ସ୍ୱାମୀ ଓ ଶ୍ୱଶୁରଙ୍କୁ ଅଟକ ରଖି ପଚରାଉଚରା ଚାଲିଥିବା ଫାଣ୍ଡି ଅଧିକାରୀ ରାମଚନ୍ଦ୍ର ବେହେରା କହିଛନ୍ତି। ଝିଅ ଆତ୍ମହତ୍ୟା କରିଥିବା ଶାଶୁଘର ଲୋକେ କହୁଥିବାବେଳେ ବାପଘର ପକ୍ଷରୁ ଯୌତୁକ ପାଇଁ ହତ୍ୟା କରାଯାଇଥିବା ହୁମ୍ମା ଫାଣ୍ଡିରେ ଅଭିଯୋଗ ହୋଇଛି। ଫାଣ୍ଡି ପୋଲିସ ସୂଚନାନୁଯାୟୀ, ପୁଇଁତୋଳା ଗ୍ରାମର ଅଭି ପଲାଇଙ୍କ ଝିଅ ରଶ୍ମିତା ୭ମାସ ତଳେ ହୁମ୍ମା ଗ୍ରାମର ଯୋଗେନ୍ଦ୍ର ସାହୁଙ୍କ ପୁଅ ଭାଗୀରଥିଙ୍କୁ ବିବାହ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ପ୍ରକୃତ କାରଣ ଜଣାପଡ଼ିବ। ନଂ.୨୮୪/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

## ଭାଜପା ମଣ୍ଡଳ ସଭାପତି ଚୟନ

ଛତ୍ରପୁର,୩।୧୨(ଡି.ଏନ.ଏ): ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଛତ୍ରପୁର ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ମଣ୍ଡଳ ସଭାପତି ଚୟନ ହୋଇଛନ୍ତି। ମଙ୍ଗଳବାର ଭାଜପା ପକ୍ଷରୁ ପ୍ରଶାନ୍ତ କୁମାର କର ଏ ସମ୍ପର୍କରେ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି। ପଦ୍ମଚରଣ ସାହୁ କଣମଣା ମଣ୍ଡଳ, ପଦ୍ମଚରଣ ପରିଡ଼ା ଭିକାରୀପଲ୍ଲୀ ମଣ୍ଡଳ, ବିଦ୍ୟାଧର ନାହାକ ଟାଙ୍ଗଣାପଲ୍ଲୀ ମଣ୍ଡଳ, ସଞ୍ଜିତ୍ କୁମାର ରାଉଳ ଛତ୍ରପୁର ଏନ୍‌ଏସି ମଣ୍ଡଳ, ସୁଦାମ ଚରଣ ଜେନା ଗଞ୍ଜାମ ଏନ୍‌ଏସି ମଣ୍ଡଳ, ଭଗବାନ ନାୟକ ହୁମ୍ମା ମଣ୍ଡଳ, ସନ୍ତୋଷ କୁମାର ନାହାକ ସନ୍ତୋଷପୁର ମଣ୍ଡଳ ଓ ସୀମାଞ୍ଚଳ ବାଡତ୍ୟା ରମ୍ଭା ଏନ୍‌ଏସି ମଣ୍ଡଳ ସଭାପତି ଭାବେ ଚୟନ ହୋଇଛନ୍ତି।

### ଦକ୍ଷିଣ ଓଡ଼ିଶାରେ ବଢୁଛି ମାନବ ଚାଲାଣ

# ୨.୧୦ ବର୍ଷରେ ଉଦ୍ଧାର ହେଲେଣି ୧୩୦୪

ସୁବାସ ଚନ୍ଦ୍ର ପାଢୀ
ବ୍ରହ୍ମପୁର ଅଫିସ,୩।୧୨

**ରେଲଷ୍ଟେଶନରୁ ଉଦ୍ଧାର ନାବାଳିକା-ନାବାଳକ**

| ବର୍ଷ | ନାବାଳକ | ନାବାଳିକା | ମୋଟ |
|---|---|---|---|
| ୨୦୧୭-୧୮ | ୧୩୫ | ୩୨ | ୧୬୭ |
| ୨୦୧୮-୧୯ | ୬୦୪ | ୧୭୧ | ୭୭୫ |
| ୨୦୧୯-୨୦ (ଅକ୍ଟୋବର ସୁଦ୍ଧା) | ୨୯୦ | ୭୨ | ୩୬୨ |
| ମୋଟ | ୧୦୨୯ | ୨୭୫ | ୧୩୦୪ |

ମାନବ ଚାଲାଣ ବର୍ତ୍ତମାନ ସମାଜର ଏକ ପ୍ରମୁଖ ସମସ୍ୟା ଭାବେ ମୁଣ୍ଡ ଟେକିଛି। ଗରିବ ତଥା ଅସହାୟ ଲୋକଙ୍କୁ ଚାକିରି ଦେବା ପ୍ରଲୋଭନ ଦେଖାଇ ପ୍ରତିଦିନ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଗ୍ରାମାଞ୍ଚଳରୁ ଅନ୍ୟ ରାଜ୍ୟକୁ ମାନବ ଚାଲାଣ କରାଯାଉଛି। ୨.୧୦ ବର୍ଷରେ ୧୩୦୪ ଉଦ୍ଧାର ହେଲେଣି। ଏହା ଉପରେ ନଜର ରଖିବା ପାଇଁ ପ୍ରତ୍ୟେକ ଜିଲା ପୋଲିସ ମୁଖ୍ୟାଳୟରେ ଇଣ୍ଟିଗ୍ରେଟେଡ ଆଣ୍ଟି ହ୍ୟୁମାନ୍ ଟ୍ରାଫିକିଙ୍ଗ ୟୁନିଟ କାମ କରୁଛି। ଏହା ସହିତ ଜିଲାପାଳଙ୍କ ଅଧୀନରେ ଜିଲା ସମାଜ ମଙ୍ଗଳ ବିଭାଗ କାମ କରୁଛି । ଚାଇଲ୍ଡ ଲାଇନ ତରଫରୁ ମଧ୍ୟ ବିଭିନ୍ନ ସମୟରେ ଚଢ଼ାଉ କରାଯାଇ ଚାଲାଣ ହେଉଥିବା ନାବାଳିକା, ନାବାଳକଙ୍କୁ ଉଦ୍ଧାର କରାଯାଉଛି। ଚାଲାଣକାରୀମାନେ ଅଧିକାଂଶ ସମୟ ଦକ୍ଷିଣ ଓଡ଼ିଶାର ବିଭିନ୍ନ କୋଣଅନୁକୋଣରୁ ନାବାଳିକା, ନାବାଳକମାନଙ୍କୁ ବ୍ରହ୍ମପୁର ରେଲଷ୍ଟେଶନ ଦେଇ ଚାଲାଣ କରୁଛନ୍ତି। ବ୍ରହ୍ମପୁର ରେଲଷ୍ଟେଶନ ଏବେ ଚାଲାଣକାରୀଙ୍କ ପାଇଁ ଟ୍ରାନ୍‌ଜିଟ୍ ପଏଣ୍ଟ କହିଲେ ଅତ୍ୟୁକ୍ତି ହେବ ନାହିଁ। ପଡ଼ୋଶୀ ରାଜ୍ୟକୁ ଯିବା ପାଇଁ ଏହା ହେଉଛି ଏକ ସହଜ ଓ ସୁବିଧାଜନକ ମାଧ୍ୟମ। ୨୦୧୭-୧୮ ଆର୍ଥିକ ବର୍ଷରେ ବ୍ରହ୍ମପୁର ରେଲଷ୍ଟେଶନରୁ ୧୩୫ ନାବାଳକ ଓ ୩୨ ନାବାଳିକାଙ୍କୁ ଚାଇଲ୍ଡ ଲାଇନ ଓ ରେଳବାଇ ହେଲପ୍ ଡେସ୍କ ପକ୍ଷରୁ ଉଦ୍ଧାର କରାଯାଇଛି । ସେହିପରି ୨୦୧୮-୧୯ରେ ୬୦୪ ନାବାଳକ ଓ ୧୭୧ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ସେହିପରି ୨୦୧୯-୨୦ ଅକ୍ଟୋବର ସୁଦ୍ଧା ୨୯୦ ନାବାଳକ ଓ ୭୨ ନାବାଳିକା ଉଦ୍ଧାର କରାଯାଇଛି ।

ଦକ୍ଷିଣ ଓଡ଼ିଶାର ବିଭିନ୍ନ ଦୁର୍ଗମ ଇଲାକାରେ ରହୁଥିବା ଗରିବ ପରିବାରଙ୍କ ଅସହାୟତାର ଫାଇଦା ଉଠାଇ ଚାଲାଣକାରୀମାନେ ସେମାନଙ୍କ ନାବାଳକ ଝିଅ ପୁଅମାନଙ୍କୁ ଚାକିରି ପ୍ରଲୋଭନ ଦେଖାଇ ଅନ୍ୟ ରାଜ୍ୟକୁ ଚାଲାଣ କରୁଛନ୍ତି । ମିଳିଥିବା ସୂଚନାନୁସାରେ, ଏହି ମାନବ ଚାଲାଣ ର୍‍ୟାକେଟ ବିଶେଷକରି ଗଞ୍ଜାମ, ଗଜପତି, ଫୁଲବାଣୀ ଜିଲାର ଦୁର୍ଗମ ଇଲାକାରେ ରହୁଥିବା ପରିବାର ବର୍ଗଙ୍କୁ ଟାର୍ଗେଟ କରୁଛନ୍ତି। ଦଲାଲମାନେ ଏମିତି ବିଭିନ୍ନ ପରିବାରକୁ ଟାର୍ଗେଟ କରି ୧୦/୧୨ ଝିଅ ପୁଅଙ୍କୁ ଏକାଠି କରି ଚାଲାଣକାରୀଙ୍କ ସହାୟତାରେ ସେମାନଙ୍କୁ ବ୍ରହ୍ମପୁର ରେଲଷ୍ଟେଶନ ଆଣୁଛନ୍ତି । ଏମିତିକି ବିଭିନ୍ନ ସମୟରେ ଦଲାଲମାନେ ଜାଲ ପରିଚୟପତ୍ର କରି ଝିଅପୁଅମାନଙ୍କ ବୟସ ବୃଦ୍ଧି କରି ସେମାନଙ୍କୁ ଅନ୍ୟ ରାଜ୍ୟକୁ ଚାଲାଣ କରୁଥିବା ଘଟଣା ମଧ୍ୟ ବିଗତ ଦିନରେ ପର୍ଦ୍ଦାଫାଶ ହୋଇଛି । ପଡ଼ୋଶୀ ରାଜ୍ୟ ଆନ୍ଧ୍ର, ସୁରଟ, ପୁନେ, ମାଡ୍ରାସ ଭଳି ସହରରେ ଥିବା ବିଭିନ୍ନ କମ୍ପାନୀରେ ଚାକିରି କରାଇଦେବାକୁ ପ୍ରତିଶ୍ରୁତି ଦେଇ ଦଲାଲମାନେ ସେମାନଙ୍କୁ

**ବ୍ରହ୍ମପୁର ରେଲଷ୍ଟେଶନ ପାଲଟିଛି ଟ୍ରାଞ୍ଜିଟ୍ ପଏଣ୍ଟ**

ଚାଲାଣ କରୁଛନ୍ତି। ଗତ କିଛିମାସ ହେଲା ବ୍ରହ୍ମପୁର ରେଲଷ୍ଟେଶନରେ ପୋଲିସ ଏପରି କାର୍ଯ୍ୟକଳାପ ଉପରେ କଡ଼ା ନଜର ରଖିଥିବା ଯୋଗୁ ଚାଲାଣକାରୀମାନେ ତାଙ୍କର ତରିକା ପରିବର୍ତ୍ତନ କରିଛନ୍ତି। ସେହିପରି ଏକ ଚାଇଲ୍ଡ ଲାଇନ୍‌ର ଏକ ଟିମ୍ ମଧ୍ୟ ରେଲଷ୍ଟେଶନ ଉପରେ ନଜର ରଖିଛି।

ଅନ୍ୟପଟେ ଅସହାୟ ତଥା ସନ୍ଦିଗ୍ଧ ଅବସ୍ଥାରେ ଝିଅ- ପୁଅମାନଙ୍କୁ ଦେଖିଲେ ତୁରନ୍ତ ପୋଲିସ ନ ହେଲେ ଚାଇଲ୍ଡ ଲାଇନକୁ ଖବର କରିବା ପାଇଁ ବିଜ୍ଞାପନ ମାଧ୍ୟମରେ ସଚେତନ ସୃଷ୍ଟି କରାଯାଉଛି। ଫଳରେ ଚାଲାଣକାରୀମାନେ ବ୍ରହ୍ମପୁର ନ ଆସି ବିଭିନ୍ନ ସମୟରେ ହୁମ୍ମା, ରମ୍ଭା, ବାଲୁଗାଁ, ରାୟଗଡ଼ା, ଇଚ୍ଛାପୁର ଓ ପଲାସା ଷ୍ଟେଶନ ଦେଇ ନାବାଳିକା ନାବାଳକଙ୍କୁ ଚାଲାଣ କରୁଥିବା ନେଇ ଏକ ସୂତ୍ରରୁ ଜଣାପଡ଼ିଛି। ତଥାପି ବ୍ରହ୍ମପୁର ରେଲଷ୍ଟେଶନ ଦେଇ ମାନବ ଚାଲାଣ ଏବେବି ବନ୍ଦ ହେଉନାହିଁ । ଅନ୍ୟପଟେ ଏହା ଉପରେ କଡ଼ା ନଜର ରଖିବା ପାଇଁ ଏସ୍‌ପିଙ୍କ ଅଧୀନରେ ଆଣ୍ଟି ହ୍ୟୁମାନ ଟ୍ରାକିଙ୍ଗ୍ ୟୁନିଟ ଓ ଜିଲା ପ୍ରଶାସନ ଅଧୀନରେ ଜିଲା ସମାଜ ମଙ୍ଗଳ ଅଧିକାରୀ ରହିଛନ୍ତି । ବହୁ ବର୍ଷ ହେଲା ଡିଏସ୍‌ଡବ୍ଲ୍ୟୁଓଙ୍କୁ ନେଇ ଜିଲାସ୍ତରୀୟ ଉପଦେଷ୍ଟା କମିଟି ବୈଠକ ହୋଇନାହିଁ ବୋଲି ଅବନୀ ଗୟା ଅଭିଯୋଗ କରିଛନ୍ତି । ଜିଲାର ପ୍ରତ୍ୟେକ ଗାଁରୁ ମାନବ ଚାଲାଣ ର୍‍ୟାକେଟ ଅତି କମରେ ୫ ଝିଅକୁ ଚାକିରିର ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ନେଇ ଯାଇଥିବା ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ସୁଧୀର ସାବତ ସୂଚନା ଦେଇଛନ୍ତି ।

## ଆଇନସେବା ପ୍ରାଧିକରଣର ବିଶ୍ୱ ଭିନ୍ନକ୍ଷମ ଦିବସ



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବ୍ରହ୍ମପୁର ଅଫିସ,୩।୧୨

ଜିଲା ଆଇନ ସେବା ପ୍ରାଧିକରଣ ଓ ମିଲ୍‌ଟନ ଫାଉଣ୍ଡେଶନ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ଅଶୋକନଗରସ୍ଥିତ ମିଲ୍‌ଟନ ଚାରିଟେବୁଲ ଦୃଷ୍ଟିହୀନ ସେବା ପ୍ରତିଷ୍ଠାନ ପରିସରରେ ଦିବସ ପାଳନ ଅବସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାଧିକରଣ ସଚିବ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମ ତଥା ସମାଜର ପଛୁଆବର୍ଗଙ୍କ ସଶକ୍ତୀକରଣ ନିମନ୍ତେ ସମ୍ବିଧାନରେ ଥିବା ବିଭିନ୍ନ ବ୍ୟବସ୍ଥା ଓ ନାଗରିକମାନଙ୍କର ଅଧିକାର ଉପରେ ଗୁରୁତ୍ୱାରୋପ କରିଥିଲେ। ମିଲ୍‌ଟନ ଫାଉଣ୍ଡେଶନ ମୁଖ୍ୟ ଉପଦେଷ୍ଟା ହର୍ଷଚନ୍ଦ୍ର ରଥ, ଉପସଭାପତି ଡ. ସାରଦା ପ୍ରସନ୍ନ ରାଉତ, କାର୍ଯ୍ୟକାରୀ ସଭ୍ୟ ସିଦ୍ଧାର୍ଥ ଶଙ୍କର ରାଉତ, କୋଷାଧ୍ୟକ୍ଷ ତୁମ୍ବେଶ୍ୱର ଦଳେଇ, ଡା. ଏଲ.କେ. ମିଶ୍ର, ପୂର୍ବତନ କର୍ପୋରେଟର ସୁରେନ୍ଦ୍ର ମହାରଣା ପ୍ରମୁଖ ମଞ୍ଚାସୀନ ଥିଲେ । ଏ. ଚିନ୍ମୟ କୁମାର, କମ୍ପ୍ୟୁଟର ପ୍ରଶିକ୍ଷକ ବିଜୟଲକ୍ଷ୍ମୀ ରଥ, କାର୍ଯ୍ୟକାରୀ ସହାୟକ ଚିନ୍ମୟୀଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପୂର୍ବରୁ ଆୟୋଜିତ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ଶୀତବସ୍ତ୍ର ଦିଆଯାଇଥିଲା । ଏହାପରେ ନାଗରିକଙ୍କ ସମ୍ବିଧାନ ଅଧିକାର ଉପରେ ଏକ କର୍ମଶାଳା ସହ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜନ ହୋଇଥିଲା । ଏହାକୁ ଦୀପକ କୁମାର ବେହେରା, କାହ୍ନୁ ଗୌଡ, ଡା. ବିନୋଦିନୀ ପଟ୍ଟନାୟକ, ତ୍ରିନାଥ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

## ଜିଲା ଜଜ୍, ଭିଜିଲାନ୍ସ ଜଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ବ୍ରହ୍ମପୁର ଅଫିସ,୩।୧୨

ଗଞ୍ଜାମ ଓକିଲ ସଂଘ ତରଫରୁ ଜିଲା ଜଜ୍ ରାମ ଶଙ୍କର ହୋତା ଓ ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତିଙ୍କୁ ଶନିବାର ଗଞ୍ଜାମ ବାର ପରିସରରେ ଭବ୍ୟ ସମ୍ବର୍ଦ୍ଧନା କରାଯାଇଛି। ସଂଘ ଉପସଭାପତି ଚିତ୍ତରଞ୍ଜନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଇନଜୀବୀମାନେ ନୂତନ ଜଜ୍‌ଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବେଞ୍ଚ ଓ ବାର ମିଳିତ ସହଯୋଗରେ କିପରି ତ୍ୱରିତ ମାମଲା ଫଇସଲା କରାଯାଇ ଲୋକଙ୍କୁ ଠିକ ନ୍ୟାୟ ଦିଆ ଯାଇପାରିବ। ସେ ନେଇ ସମସ୍ତେ ଗୁରୁତ୍ୱାରୋପ କରିଥିଲେ। ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତି କହିଛନ୍ତି, ଗଞ୍ଜାମ ଓକିଲ ସଂଘର ଏଭଳି ସମ୍ବର୍ଦ୍ଧନା ନିଆରା। ଏଣୁ ସେ ଆଇନଜୀବୀ ଓ ଓକିଲ ସଂଘକୁ କୃତଜ୍ଞତା ଜଣାଇଛନ୍ତି। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ କୈଳାସ ପାଣିଗ୍ରାହୀ, ସହ ସମ୍ପାଦକ କିରଣ ମଣ୍ଡଳ, ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ଶିଶିର ପାଢୀ, ମୋହନ ସିଙ୍ଗାରି, ନିର୍ମଳ ବିଷୋୟୀ, ମାଗୁଣି ପଲାଇ, ମନୋଜ ପଟ୍ଟନାୟକ, ପି.ନରସିଂହ ପାତ୍ର, କରୁଣାକର ପାଣିଗ୍ରାହୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ରହି ଅଂଶଗ୍ରହଣ କରିଥିଲେ।

## ୧୩ରୁ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ

ବ୍ରହ୍ମପୁର ଅଫିସ,୩।୧୨

ସାଂସ୍କୃତିକ ଅନୁଷ୍ଠାନ ଅନ୍ୱେଷା କଳାକେନ୍ଦ୍ର ଓ ଅଭିନୟ ଜଗତ ପକ୍ଷରୁ ଆସନ୍ତା ୧୩ ରୁ ୧୫ ତାରିଖ ପର୍ଯ୍ୟନ୍ତ ୩ଦିନ ବ୍ୟାପୀ ଗଞ୍ଜାମ ଜିଲା ସାଂସ୍କୃତିକ ମହୋତ୍ସବ ଆୟୋଜିତ ହେବ। ଜିଲାର ଲୋକ କଳା, ସଂସ୍କୃତିକୁ ପୁନର୍ଜୀବିତ ଓ ଲୋକାଭିମୁଖୀ କରାଇବାକୁ ନେଇ ୨୦୧୮ରୁ ଆରମ୍ଭ ହୋଇଥିବା ଏହି ମହୋତ୍ସବ ଚଳିତ ବର୍ଷ ଦ୍ୱିତୀୟ ଥର ପାଇଁ ଆୟୋଜିତ ହେବ । ସ୍ଥାନୀୟ ଉତ୍କଳ ଆଶ୍ରମସ୍ଥିତ ମୁକ୍ତାକାଶ ରଙ୍ଗମଞ୍ଚରେ ୩ଦିନ ଧରି ଚାଲିବାକୁ ଥିବା ମହୋତ୍ସବର ପ୍ରତ୍ୟକ ସନ୍ଧ୍ୟାରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ଲୋକନୃତ୍ୟ, ଓଡିଶୀ ନୃତ୍ୟ, ଛାନ୍ଦ ଓ ଚମ୍ପୂ ଆଦି ପରିବେଷିତ ହେବ । ଏନେଇ ମଙ୍ଗଳବାର ଅନୁଷ୍ଠାନ ପକ୍ଷରୁ ଆୟୋଜିତ ମହୋତ୍ସବର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୱେଷା କଳାକେନ୍ଦ୍ର କାର୍ଯ୍ୟାଳୟରେ ଆୟୋଜିତ ବୈଠକରେ ଡ. ମିହିର ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମହୋତ୍ସବରେ ଗଞ୍ଜାମ ଜିଲାର ବରିଷ୍ଠ ଲୋକନୃତ୍ୟ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯିବାର କାର୍ଯ୍ୟକ୍ରମ ରହିଥିବା ସୂଚାଯାଇଥିଲା। ବୈଠକରେ ଅଭିନୟ ଜଗତର ପରିଚାଳକ ରବୀନ୍ଦ୍ର କୁମାର ନାୟକ, ନାଟ୍ୟକାର ତ୍ରିପତି ନାୟକ, ପି. ସୁବାସ ଚନ୍ଦ୍ର ପାତ୍ର, ସୁଦୀପ ସାହୁ, ପ୍ରହଲ୍ଲାଦ ସାହୁ, ନବ କିଶୋର ମହାପାତ୍ର, ଦୀପ୍ତିରଞ୍ଜନ ପାଢୀ, ଉପଦେଷ୍ଟା ଅଶୋକ କୁମାର ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୱେଷା କଳାକେନ୍ଦ୍ର ନିର୍ଦ୍ଦେଶିକା ଉଷାରାଣୀ ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ପୁରାତନ ଛାତ୍ର ସଂସଦ ପ୍ରସ୍ତୁତି ବୈଠକ

ବ୍ରହ୍ମପୁର ଅଫିସ,୩।୧୨

ସ୍ଥାନୀୟ ଆସିକା ରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପୁରାତନ ଛାତ୍ର ସଂସଦ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଶିକ୍ଷାନୁଷ୍ଠାନର ୧୨୫ ବର୍ଷ ପୂର୍ତ୍ତି ଉତ୍ସବ ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ନେଇ ଆଲୋଚନା କରାଯାଇଥିଲା। ସଂସଦ ଉପସଭାପତି ବିଶ୍ୱନାଥ ଜେନା ଅଧ୍ୟକ୍ଷତା କରିଥିବା ବେଳେ ପ୍ରମୋଦ କୁମାର ଜେନା ଓ ଅନ୍ୟମାନେ ଏଥିରେ ଯୋଗ ଦେଇଥିଲେ। ଉତ୍ସବ ପାଇଁ ବିଭିନ୍ନ କମିଟି ଗଠନ କରାଯାଇଥିଲା। ଅଭ୍ୟର୍ଥନା କମିଟି ମୁଖ୍ୟ ଉପଦେଷ୍ଟା ଭାବେ ବ୍ରହ୍ମପୁର ଏମ୍‌ପି ଚନ୍ଦ୍ରଶେଖର ସାହୁ ମନୋନୀତ ହୋଇଥିବା ବେଳେ ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକଙ୍କୁ ସହ ଉପଦେଷ୍ଟା କରାଯାଇଛି। ଉତ୍ସବ କମିଟି ସଭାପତି ବିଧାୟକ ବିକ୍ରମ କୁମାର ପଣ୍ଡା ଏବଂ ବଲ୍ଲଭ ପାଣିଗ୍ରାହୀ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି । ସଦାନନ୍ଦ ରଥ, ଶିବ କୁମାର ଆଚାର୍ଯ୍ୟ, ଅରୁଣ କୁମାର ପାଢ଼ୀ, ରାଜେଶ କୁମାର ତାରିଣୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ପାଠୀ, ବିଶ୍ୱନାଥ ଜେନା, ସୂର୍ଯ୍ୟ ନାରାୟଣ ଦାସ ଓ ସୁଜୟ ଆଚାର୍ଯ୍ୟ ପ୍ରମୁଖ କମିଟି ସଦସ୍ୟ ଅଛନ୍ତି। ସେହିପରି ସଂଯୋଜନା ମଣ୍ଡଳୀରେ ପ୍ରମୋଦ କୁମାର ଜେନା, ରାଜେଶ ତାରିଣୀ, ନିରଞ୍ଜନ ଜେନା, ରାକେଶ କୁମାର ସାହୁ ଓ ପୂର୍ବତନ କର୍ପୋରେଟର ପି. ଆଶାରାଣୀ ଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ କାମିନୀ ପାଠୀ ଏହି କମିଟି ଆବାହକ ମନୋନୀତ ହୋଇଛନ୍ତି । ପୁରାତନ ଛାତ୍ର ପ୍ରମୋଦ ଜେନାଙ୍କୁ ଆର୍ଥିକ କମିଟି ଅଧ୍ୟକ୍ଷ କରାଯାଇଛି। ପ୍ରଚାର ଓ ପ୍ରସାର କମିଟି ମୁଖ୍ୟ ହୋଇଛନ୍ତି ରାଜେନ୍ଦ୍ର ରାୟଗୁରୁ।

## ପୋଲିସ କବ୍‌ଜାରେ ଦୁର୍ଦ୍ଧାନ୍ତ ପ୍ରଶାନ୍ତ

ବ୍ରହ୍ମପୁର ଅଫିସ,୩।୧୨

ଗଞ୍ଜାମ ଜିଲାର ଦୁର୍ଦ୍ଧାନ୍ତ ପ୍ରଶାନ୍ତ କରାଡ଼ ପୋଲିସ ହାତରେ ଧରାପଡିଥିବା ସୂଚନା ମିଳିଛି। ସମ୍ବଲପୁର ପୋଲିସ ଏକ ମାମଲାରେ ପ୍ରଶାନ୍ତଙ୍କୁ ଧରିଥିବା ଜଣାପଡିଛି। ତାଙ୍କ ନାଁରେ ବ୍ରହ୍ମପୁରର ବିଭିନ୍ନ ଥାନାରେ ମାମଲା ରହିଛି। କରାଡଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି। ତାଙ୍କ ନାଁରେ ବହୁ ସଙ୍ଗିନ ମାମଲା ରହିଛି। ପୋଲିସ ଉପରକୁ ଗୁଳିମାଡ, ଲୁଟ, ଡକାୟତି, ଚୋରି ଓ ରାହାଜାନୀ ଭଳି ମାମଲା ରହିଥିବା ପୋଲିସ କହିଛି।

## ବିଦ୍ୟୁତ୍ କର୍ମଚାରୀ ସଂଘ ନିର୍ବାଚନୀ ସଭା

ବ୍ରହ୍ମପୁର ଅଫିସ,୩।୧୨

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ସଂଘ ଆସିକା ସର୍କଲ୍ ପକ୍ଷରୁ ୨୦୨୦ ବର୍ଷ ପାଇଁ ନିର୍ବାଚନୀ ସଭା ସୁନ୍ଦରପଡ଼ା ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରିଷ୍ଠ କର୍ମକର୍ତ୍ତା ଦୁର୍ଗା ମାଧବ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସଂଘ ଦକ୍ଷିଣାଞ୍ଚଳ ଯୁଗ୍ମ ସମ୍ପାଦକ ସୂର୍ଯ୍ୟନାରାୟଣ ବିଷୋୟୀ ଏବଂ ନିମନ୍ତ୍ରିତ ଅତିଥି ଭାବେ ଆସିକା ସର୍କଲ୍ ସମ୍ପାଦକ ଲାବଣ୍ୟନିଧି ମଲ୍ଲିକ, ବ୍ରହ୍ମପୁର ସିଟି ସର୍କଲ୍ ସମ୍ପାଦକ କ୍ଷୀରୋଦ କୁମାର ସେଠୀ, ବ୍ରହ୍ମପୁର ସର୍କଲ୍ ସମ୍ପାଦକ ବିଜୟ କୁମାର ବିଷୋୟୀ ଏବଂ ସନ୍ତୋଷ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସଂଘ ସାମ୍ବିଧାନିକ ପ୍ରକ୍ରିୟାରେ ୨୦୧୦ରେ ନିମନ୍ତେ ଆସିକା ନଂ-୧ ଏବଂ ନଂ-୨ ଡିଭିଜନ୍ ନିମନ୍ତେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ଆସିକା ନଂ-୧ ଡିଭିଜନ୍ ସମ୍ପାଦକ ଭାବେ ଦେବରାଜ ପ୍ରଧାନ, ଆସିଷ୍ଟାଣ୍ଟ ଡିଭିଜନ୍ ସମ୍ପାଦକ ବାଳକୃଷ୍ଣ ବାହିନୀପତି, କାର୍ଯ୍ୟକାରୀ କମିଟି ସଦସ୍ୟ ଦେବରାଜ ମୁଦୁଲି, ଆସିକା ସବ୍‌ଡିଭିଜନ୍ ସମ୍ପାଦକ ଆଲୋକ ପ୍ରଧାନ ଏବଂ ନୂଆଗାଁ ସବ୍‌ଡିଭିଜନ୍ ସମ୍ପାଦକ ଭାବେ ରଞ୍ଜନ କୁମାର ସାହୁଙ୍କୁ ନିର୍ବାଚିତ କରାଯାଇଥିଲା। ସେହିଭଳି ଆସିକା ନଂ-୨ ଡିଭିଜନ୍ ସମ୍ପାଦକ ଭାବେ ହୃଷୀକେଶ ଖଣ୍ଡୁଆଳ, ଆସିଷ୍ଟାଣ୍ଟ ଡିଭିଜନ୍ ସମ୍ପାଦକ ଟୁକୁନା କୁମାର ବିଷୋୟୀ, କାର୍ଯ୍ୟକାରୀ କମିଟି ସଦସ୍ୟ ଦ୍ୱିତୀକୃଷ୍ଣ ବିଶ୍ୱାଳ, କବିସୂର୍ଯ୍ୟନଗର ସବ୍‌ଡିଭିଜନ୍ ସମ୍ପାଦକ ସାରଥି ବିଶ୍ୱାଳ ଏବଂ ବୁଗୁଡ଼ା ସବ୍‌ଡିଭିଜନ୍ ସମ୍ପାଦକ ସୁଚିତ୍ର କୁମାର ବିଷୋୟୀଙ୍କୁ ନିର୍ବାଚିତ କରାଯାଇଥିଲା । ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ସଂଘର ବିଭିନ୍ନ ସମସ୍ୟା ଏବଂ ସମାଧାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଗାମୀ ୨୨ରୁ ୨୪ତାରିଖ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଆସନ୍ତା ଅଧିବେଶନ ପରେ ସାଉଥ୍‌କୋରେ ଚାଲିଥିବା ମନମୁଖି କାର୍ଯ୍ୟକଳାପ, ଶ୍ରମିକ ମାରଣ ନୀତି, ପାତରଅନ୍ତର ନୀତି ଏବଂ ଦାବି ହାସଲ ନିମନ୍ତେ ଶକ୍ତି ପ୍ରଦର୍ଶନ ସହ ସାଉଥ୍‌କୋ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥି ସହ ସଂଘକୁ ଦୃଢ କରି ଏକତ୍ରିତ ହୋଇ କାର୍ଯ୍ୟ ହାସଲ କରିବା, ସମନ୍ୱୟ ରକ୍ଷାକୁ ଗୁରୁତ୍ୱ ଦିଆଯାଇଥିଲା।


ବୈଠକରେ ମଞ୍ଚାସୀନ ସଂଘ ପଦାଧିକାରୀମାନେ ।

### ସଫେଇ କାମକୁ ନେଇ ଗୋଷ୍ଠୀ ସଂଘର୍ଷ ଘଟଣା

# ବିଜେଡି ନେତାଙ୍କୁ ଗିରଫ ଦାବି

ବ୍ରହ୍ମପୁର ଅଫିସ,୩।୧୨

ବ୍ରହ୍ମପୁର ବଡବଜାର ଥାନା ପ୍ରେମନଗର ହାଉସିଂ ବୋର୍ଡ଼ ଛକରେ ଗତ ଶନିବାର ସଫେଇ କାମକୁ ନେଇ ୨ ଜମାଦାର ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟିଥିଲା। ଏଥିରେ ବିଜେଡି ନେତା କେ.ଅନିଲ କୁମାରଙ୍କ ନିର୍ଦ୍ଦେଶରେ ଜମାଦାର ଏସ୍.ଜଗନ୍ନାଥ ରାଓଙ୍କୁ ହତ୍ୟା ଉଦ୍ୟମ କରାଯାଇଥିଲା ବୋଲି ତାଙ୍କ ବାପା ଏସ୍.ରାମବାବୁ ଅଭିଯୋଗ କରିଛନ୍ତି। ଅନିଲଙ୍କ ଗିରଫ ଦାବି ନେଇ ମଙ୍ଗଳବାର ମୋଚିସାହିର ରାମବାବୁ ଓ ବହୁ ମହିଳା ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ରଙ୍କ ନିକଟରେ ଫେରାଦ ହୋଇଥିଲେ। ଏହି ଘଟଣାରେ ଉଭୟ ଗୋଷ୍ଠୀର ୪ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଅନିଲଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ଏବେ ତଦନ୍ତ ଜାରି ରଖିଛି। ଯାହା ବିରୋଧରେ ପ୍ରମାଣ ମିଳିବ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି ମିଶ୍ର କହିଛନ୍ତି।


ଏସ୍‌ପିଙ୍କ ଅଫିସ ସମ୍ମୁଖରେ ଅଭିଯୋଗକାରୀ ।

**ଏସ୍‌ପିଙ୍କୁ ଫେରାଦ ହେଲେ ବହୁ ମହିଳା**

ସୂଚନାଯୋଗ୍ୟ, ବିଏମ୍‌ସି ସଫେଇ କାମ ବଣ୍ଟନ ଓ ଉପସ୍ଥାନକୁ ନେଇ ଜମାଦାର ଜଗନ୍ନାଥ ଓ ରଞ୍ଜିତ ନାୟକଙ୍କ ଗୋଷ୍ଠୀ ମଧ୍ୟରେ ଘଟଣା ଦିନ ସଂଘର୍ଷ ଘଟିଥିଲା। ପୋଲିସ ଏହାର ସିସିଟିଭି ଫୁଟେଜ ମଧ୍ୟ ପାଇଛି। ଏପରିକି ବିଜେଡି ନେତା ଅନିଲଙ୍କ ନାମରେ ଅଭିଯୋଗ ହେବା ପରେ ତାଙ୍କୁ ଥାନାରେ ହାଜର ହେବା ନିମନ୍ତେ ସମନ ଜାରି ହୋଇଛି। ଏନେଇ ବିଜେଡି ନେତା କେ. ଅନିଲ କୁମାରଙ୍କ ସହ ଯୋଗାଯୋଗ ବେଳେ ସେ କହିଛନ୍ତି, କେତେକ ରାଜନୈତିକ ବ୍ୟକ୍ତି ମନ୍ଦ ଉଦ୍ଦେଶ୍ୟ ରଖି ମୋତେ ବଦନାମ କରିବାକୁ ଏହି ଚକ୍ରାନ୍ତ କରିଛନ୍ତି। ଏହି ଘଟଣାରେ ତାଙ୍କର କୌଣସି ସମ୍ପୃକ୍ତି ନାହିଁ ବୋଲି ସେ କହିଛନ୍ତି।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର ଡିସେମ୍ବର ୪/୨୦୧୯ Berhampur, Wednesday December 4/ 2019

## ସଂକ୍ଷେପରେ

### ଖଣ୍ଡାରେ ଆକ୍ରମଣ ଘଟଣା, ୯ କୋର୍ଟଚାଲାଣ

ଗୋପାଳପୁର,୩।୧୨-ବ୍ରହ୍ମପୁର ମହାନଗର ନିଗମ ଆମ୍ବପୁଆ ଦଳିତସାହିରେ ରବିବାର କୁଳ ବୈଠକ ବସିଥିଲା। ବୈଠକରେ ଅପର ଗୋଷ୍ଠୀର କେତେଜଣ ଲୋକ ପୂର୍ବ ଶତ୍ରୁତାକୁ ନେଇ ଲଙ୍କାଗୁଣ୍ଡ ଫିଙ୍ଗିବା ସହ ବୁଲୁ ଦାସ, ଶ୍ରୀକାନ୍ତ ଦାସ ଓ କୈଳାସ ଦାସଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ଏଥିରେ ସମ୍ପୃକ୍ତ କିଛି ଲୋକଙ୍କୁ ସୋମବାର ଗୋପାଳପୁର ପୋଲିସ ଅଟକ ରଖିଥିଲା। ଏ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ କୌଣସି ମାମଲା ରୁଜୁ ହୋଇ ନ ଥିବାରୁ ପୋଲିସ ନିଜ ଆଡୁ ମାମଲା ନଂ. ୧୪୧/୧୯ ରୁଜୁ କରି ମଙ୍ଗଳବାର ୯ ଜଣଙ୍କୁ କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ ଆମ୍ବପୁଆର ବଳି ଦାସ, ନାରାୟଣ ଦାସ, ବୁଲୁ ଦାସ, ଦିବାକର ସେଠୀ, କୈଳାସ ଦାସ, ଶ୍ରୀକାନ୍ତ ଦାସ, ରଞ୍ଜିତ ଦାସ, ମାନି ଦାସ ଓ ଜଗିଲି ଦାସ। ଅନ୍ୟ କୌଣସି ବ୍ୟକ୍ତି ସମ୍ପୃକ୍ତ ଥିଲେ ତାଙ୍କୁ ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ କହିଛନ୍ତି।

### ସୁନା, ରୁପା ଅଳଙ୍କାର ସହ ୨୦ ହଜାର ଚୋରି

ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)- ଖଲ୍ଲିକୋଟ ବ୍ଲକ ମଥୁରା ଗ୍ରାମର ରବୀନ୍ଦ୍ର ସାହୁଙ୍କ ଘରୁ ଦୁର୍ବୃତ୍ତମାନେ ସୋମବାର ବିଳମ୍ବିତ ରାତିରେ ୧୫ ତୋଳା (୧୫୦ ଗ୍ରାମ ସୁନା) ଅଳଙ୍କାର, ୧ କେଜି ରୁପା ଓ ୨୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଖଲ୍ଲିକୋଟ ପୋଲିସ ନଂ. ୩୫୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରବୀନ୍ଦ୍ର ଏବଂ ତାଙ୍କ ସ୍ତ୍ରୀ ଘରେ ଶୋଇଥିବା ବେଳେ ବିଳମ୍ବିତ ରାତିରେ ଲୁଟେରାମାନେ ବାରିପଟୁ ପାଚେରି ଡେଇଁ କବାଟ ତାଲା ଭାଙ୍ଗି ଘରେ ପଶି ଏକ ପେଡ଼ିରେ ଥିବା ସୁନା ଅଳଙ୍କାର, ରୁପା ଓ ଟଙ୍କା ଲୁଟି ନେଇଯାଇଥିଲେ। ଏହା ଜାଣି ରବୀନ୍ଦ୍ର ଖଲ୍ଲିକୋଟ ଥାନାରେ ଏତଲା ଦେଇଛନ୍ତି।

### ୧୧ କୋଟି ୭୩ ଲକ୍ଷର ଗଞ୍ଜେଇ ଗଛ ପୋଡ଼ାଗଲା

ଆର.ଉଦୟଗିରି,୩।୧୨(ଡି.ଏନ.ଏ.)- ଆର.ଉଦୟଗିରି ଥାନା ଛେଲାଗଡ ପଞ୍ଚାୟତର କାନିକିପଦର ଓ ବାଲିସାହି ଗ୍ରାମ ପାହାଡ ଉପରେ ପ୍ରାୟ ୫୮ ଏକର ଜମିରେ ଚାଷ ହୋଇଥିବା ୧୧ କୋଟି ୭୩ ଲକ୍ଷ ଟଙ୍କାର ଗଞ୍ଜେଇ ଗଛକୁ ମଙ୍ଗଳବାର ପୋଲିସ ଓ ଅବକାରୀ ବିଭାଗ କାଟି ପୋଡିଦେଇଛି। ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ଖବର ପାଇ ଜିଲାପାଳ ଅନୁପ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଟେଣ୍ଡାଣ୍ଟ ପ୍ରଦିପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶ କ୍ରମେ ଚଢାଉ କରାଯାଇଥିଲା। ଚଢାଉରେ ଆର.ଉଦୟଗିରି ଅତିରିକ୍ତ ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଆର.ଉଦୟଗିରି ଏସ୍‌ଡିପିଓ ଅଶୋକ କୁମାର ମାହାନ୍ତି, ଥାନାଧିକାରିଣୀ ମମତା ନାୟକଙ୍କ ସମେତ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

### ବସ୍‌କୁ ଧକ୍କା ଦେଲେ ନିଶାସକ୍ତ ଟ୍ରାକ୍ଟର ଚାଳକ

ପୁରୁଷୋତ୍ତମପୁର,୩।୧୨(ଡି.ଏନ.ଏ.)- ପୁରୁଷୋତ୍ତମପୁର ଏନ୍‌ଏସିର ପରିମଳ କାର୍ଯ୍ୟରେ ବ୍ୟବହୃତ ଟ୍ରାକ୍ଟର ଚାଳକ ନିଶାସକ୍ତ ହୋଇ ମଙ୍ଗଳବାର ସନ୍ଧ୍ୟାରେ ଏକ ଯାତ୍ରୀବାହୀ ବସ୍‌କୁ ଧକ୍କା ଦେଇଥିଲେ। ଫଳରେ ଉଭୟ ଗାଡି ଭାଙ୍ଗି ଯାଇଛି। ଏ ନେଇ ମୁଖ୍ୟ ରାସ୍ତା ଅବରୋଧ କରି ଉତ୍ତ୍ୟକ୍ତ ଲୋକେ ଟ୍ରାକ୍ଟର ଚାଳକଙ୍କୁ ଧରିଥିଲେ। ଏନ୍‌ଏସି ନିର୍ବାହୀ ଅଧିକାରୀ ଏ. ନାଗେଶ୍ୱର ରାଓ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ଚାଳକଙ୍କୁ ଉଦ୍ଧାର କରିଥିଲେ। ପୋଲିସ ଟ୍ରାକ୍ଟରକୁ ଜବତ କରିଛି। ଡ୍ରାଇଭରଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଲାଗି ଜନସାଧାରଣ ଦାବି କରିଛନ୍ତି।

## ମୋ ଗେହ୍ଲା ଝିଅ, ନିର୍ଭୟ କଢ଼ି କାର୍ଯ୍ୟକ୍ରମ

# ଅଷ୍ଟମ ଶ୍ରେଣୀ ଛାତ୍ରୀ ମାମାଲି ବ୍ରାଣ୍ଡ ଆମ୍ବାସଡର

ଛତ୍ରପୁର,୩।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ମୋ' ଗେହ୍ଲାଝିଅ ଓ ନିର୍ଭୟ କଢ଼ି କାର୍ଯ୍ୟକ୍ରମ ସଫଳତାର ସହ କାର୍ଯ୍ୟକାରୀ ହେଉଛି । କନ୍ୟା ସନ୍ତାନ ଜନ୍ମ ଦେଉଥିବା ମା'ମାନଙ୍କୁ ସମ୍ବର୍ଦ୍ଧନା ଦେବା ଠାରୁ ଆରମ୍ଭ କରି ଦଶମ ଓ ଦ୍ୱାଦଶ ଶ୍ରେଣୀରେ ଟପ୍‌ରେ ଥିବା ଛାତ୍ରୀ ଓ ବାଲ୍ୟ ବିବାହକୁ ମନା କରିଥିବା ନାବାଳିକାଙ୍କୁ ପ୍ରଶାସନ ସମ୍ବର୍ଦ୍ଧିତ କରୁଛି। ସୋରଡା ଅଞ୍ଚଳର ଅଷ୍ଟମ ଶ୍ରେଣୀ ଛାତ୍ରୀ ମାମାଲି ଅଧିକାରୀ ବାଲ୍ୟ ବିବାହକୁ ନ ମାନି ସାହସ ଜୁଟାଇ ପାଠ ପଢିବା ପାଇଁ ଜିଲାପାଳଙ୍କ ନିକଟରେ ନିଜ ଇଚ୍ଛା ପ୍ରକାଶ କରିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇଥିଲ। ମଙ୍ଗଳବାର ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ମୋ ଗେହ୍ଲା ଝିଅ ଓ ନିର୍ଭୟ କଢି କାର୍ଯ୍ୟକ୍ରମରେ ଏଥିପାଇଁ ମାମାଲିଙ୍କୁ ପ୍ରଶାସନ ସମ୍ବର୍ଦ୍ଧିତ କରିଛି। ଏଥିସହ ମାମାଲିଙ୍କୁ ମୋ ଗେହ୍ଲା ଝିଅ ଓ ନିର୍ଭୟ କଢି କାର୍ଯ୍ୟକ୍ରମ ପାଇଁ ଜିଲାରେ ବ୍ରାଣ୍ଡ ଆମ୍ବାସଡର କରାଯାଇଥିବା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କହିଛନ୍ତି। ତାଙ୍କୁ ହଷ୍ଟେଲରେ ରଖାଯାଇ ପାଠପଢା ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସୂଚନା ଦେଇଛନ୍ତି।

**ଦଶମ, ଦ୍ୱାଦଶ ଶ୍ରେଣୀର କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା**



ମାମାଲିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଏହି କାର୍ଯ୍ୟକ୍ରମ ଅବସରରେ ଜିଲାରେ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୨୧ ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବାଲ୍ୟ ବିବାହକୁ କିଭଳି କିଶୋରୀମାନେ ମନା କରିବେ ତାହା ସଚେତନ କରିବାକୁ ଜିଲାପାଳ ଗୁରୁତ୍ୱାରୋପ କରିଛନ୍ତି। ବିଦ୍ୟାଳୟରେ କିଶୋରୀମାନଙ୍କ ସହ ଏ ସମ୍ପର୍କରେ ଆଲୋଚନା କରିବାକୁ ହେବ ବୋଲି କୁହାଯାଇଛି। ସ୍ୱାସ୍ଥ୍ୟ, ସ୍କୁଲ ଓ ଗଣଶିକ୍ଷା ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମିଳିତ ଭାବେ କାମ କଲେ ସମସ୍ତ କାର୍ଯ୍ୟ ସଫଳ ହେବ ବୋଲି ଜିଲାପାଳ କହିଥିଲେ । ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ସମଗ୍ର ଶିକ୍ଷା ଅଭିଯାନର ଡିପିସି ବିନୀତା ସେନାପତି, ଜିଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ରେଡ୍ଡୀ, ଶିଶୁ କଲ୍ୟାଣ କମିଟି ସଦସ୍ୟ ହରିହର ପାଢୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ ଷଡଙ୍ଗୀ, ଶରତ ଚନ୍ଦ୍ର ମହାରଣା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ମାଉଜର ଦେଖାଇ ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କଠାରୁ ଲୁଟ୍

ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ମଥୁରା ଓ ଭରସା ରାସ୍ତାରେ ମଙ୍ଗଳବାର ଏକ ଫାଇନାନ୍ସ କମ୍ପାନୀ ଏଜେଣ୍ଟଙ୍କୁ ମାଉଜର ଦେଖାଇ ଦୁର୍ବୃତ୍ତମାନେ ଟଙ୍କା, ମୋବାଇଲ ଓ ବାଇକ୍ ଲୁଟିନେଇଛନ୍ତି। ନଂ. ୩୫୭/୧୯ରେ ମାମଲା ରୁଜୁ କରି ଖଲ୍ଲିକୋଟ ପୋଲିସ ତଦନ୍ତ ଚଳାଇଛି। ପ୍ରକଶ ଯେ, କୋଦଳାରେ ଥିବା ଅନ୍ନପୂର୍ଣ୍ଣା ଫାଇନାନ୍ସ କମ୍ପାନୀର ଏଜେଣ୍ଟ ଭବାନୀ ଶଙ୍କର ବାରିକ ପୂର୍ବାହ୍ନରେ ଭରସା ଗ୍ରାମରୁ ଟଙ୍କା କଲେକସନ୍ କରି ଯାଉଥିଲେ। ମଥୁରା-ଭରସା ରାସ୍ତାରେ ବାଇକ୍‌ରେ କେତେଜଣ ଦୁର୍ବୃତ୍ତ ଆସି ତାଙ୍କ ମୁଣ୍ଡରେ ମାଉଜର ଲଗାଇବା ସହ ମାଡ଼ ମାରି ବାଇକ, ଗୋଟିଏ ମୋବାଇଲ ଓ ୪୦ ହଜାର ଟଙ୍କା ଲୁଟି ପଳାଇଥିଲେ । ଭବାନୀ ସେଠାରୁ ଆସି ଥାନାରେ ଏତଲା ଦେଇଛନ୍ତି।

### ଖଲ୍ଲିକୋଟରେ ବାଇକ୍ ଚୋରି ବୃଦ୍ଧି

ଖଲ୍ଲିକୋଟ,୩।୧୨(ଡି.ଏନ.ଏ.)

ଖଲ୍ଲିକୋଟ ଥାନା ଅଞ୍ଚଳରେ ବାଇକ୍ ଚୋରି ବୃଦ୍ଧି ପାଇବାରେ ଲାଗିଛି । ସୋମବାର ରାତିରେ କହ୍ନେଇପୁର ପଞ୍ଚାୟତ ଠେକୁଆପଲ୍ଲି ଛକରେ ଥିବା ମନୋଜ ଜେନା ଘର ଆଗରୁ ତାଙ୍କର ଏକ ବାଇକ୍ ଚୋରି ହୋଇଥିବା ସେ ଥାନାରେ ଏତଲା ଦେଇଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି। କିଛିଦିନ ତଳେ କେଶପୁର ବଜାର ବିଶ୍ୱଜିତ ସାହୁଙ୍କ ଏକ ବାଇକ ନିଜ ପରିବା ଗୋଦାମ ଆଗରେ ଥିବା ବେଳେ ଚୋରି ହୋଇଥିଲା। ସେହିପରି ପଥରା, ଖଲ୍ଲିକୋଟ ବଜାରରେ ବହୁ ବାଇକ୍ ଚୋରି ହୋଇଥିବା ପୂବ ;ରୁ ଅଭିଯୋଗ ହୋଇଛି। ଗତ ନଭେମ୍ବର ୨୪ ତାରିଖରେ ଖଲ୍ଲିକୋଟ ପୋଲିସ ୨ ବାଇକ୍ ଲୁଟେରାଙ୍କୁ ଗିରଫ କରି ବିଭିନ୍ନ କମ୍ପାନୀର ୬ଟି ବାଇକ ଉଦ୍ଧାର କରିଥିଲା। ଏବେ ବି ଆହୁରି ଲୁଟେରା ସକ୍ରିୟ ଅଛନ୍ତି । ଏଥିପାଇଁ ଲୋକେ ବାହାରେ ବାଇକ୍ ରଖିବାକୁ ଭୟ କରୁଛନ୍ତି। ବାଇକ୍ ଚୋରିରେ ସମ୍ପୃକ୍ତମାନଙ୍କୁ ଗିରଫ କରି କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି ।

## ଲୋକଙ୍କୁ ପୋଲିସର ମାଡ଼ ଘଟଣା

# ଏନଏଚଆରସି ନିର୍ଦ୍ଦେଶରେ ମିଳିଲା କ୍ଷତିପୂରଣ

ପୁରୁଷୋତ୍ତମପୁର/ଛତ୍ରପୁର, ୩।୧୨(ଡି.ଏନ.ଏ.)

ବିଭିନ୍ନ ସମୟରେ ଜନତାର ରକ୍ଷକ ପୋଲିସ ନିଜର ହିତାହିତଜ୍ଞାନ ଭୁଲି ମାନବାଧିକାର ଉଲ୍ଲଂଘନ କରି ନିରୀହ ଲୋକଙ୍କୁ ମାଡମାରି ପତିଆରା ଜାହିର କରିଥାଏ। ଏଭଳି ଏକ ଘଟଣା ଗଞ୍ଜାମ ଜିଲା ପୁରୁଷୋତ୍ତମପୁରରେ ୨୦୧୪ ଅଗଷ୍ଟ ୨୫ରେ ଘଟିଥିଲା। ଜାତୀୟ ମାନବାଧିକାର କମିଶନ ପୋଲିସ ମାଡରେ ଆହତ ୭ ଜଣ କୁମାରୀର ଅଧିକାରୀ ବେହେରା, ପୁରୁଷୋତ୍ତମପୁର ମେନ୍‌ରୋଡର ଗଣପତି ସାହୁ, ମହେଶ୍ୱର ମହାନ୍ତି, ହନୁମାନ ବଜାରର ବଳରାମ ବେହେରା, ନଦୀତଟ ସାହିର ସୁକୁଟା ବେହେରା, ଚାଙ୍ଗୁଡିଆପଦର ସାହିର ମୁରଲି ଗୌଡ, ବଡଧୋବା ସାହିର ପଞ୍ଚୁ ବେହେରାଙ୍କୁ ୨୫ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିବା ଲାଗି ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ପୋଲିସ ମୁଖ୍ୟାଳୟ ଠାରେ ମଙ୍ଗଳବାର ଡିଏସ୍‌ପି ଅଜୟ କୁମାର ମିଶ୍ର ଓ ଡିଏସ୍‌ପି ସୋମେଲ ପ୍ରଧାନ ଉପସ୍ଥିତ ୫ ଜଣଙ୍କୁ ଚେକ ପ୍ରଦାନ କରିଛନ୍ତି। ମାତ୍ର ଅଧିକାରୀ ବେହେରା ଓ ଇତିମଧ୍ୟରେ ମୃତ୍ୟୁବରଣ କରିଥିବା ପଞ୍ଚୁ ବେହେରାଙ୍କ ପରିବାରର କେହି ଆସି ନ ଥିବାରୁ ସହାୟତା ପ୍ରଦାନ କରାଯାଇପାରିନାହିଁ।



କ୍ଷତିପୂରଣ ପାଇଥିବା ବ୍ୟକ୍ତି।

ସୂଚନାଯୋଗ୍ୟ ଯେ, ୨୦୧୪ ଅଗଷ୍ଟ ୨୫ରେ ଭୋରରୁ ପୁରୁଷୋତ୍ତମପୁର ସହରର ଲୋକେ ନିତ୍ୟକର୍ମ ପାଇଁ ବାହାରକୁ ଆସିଥିବାବେଳେ ପାଟ୍ରୋଲିଂରେ ଥିବା ପୁରୁଷୋତ୍ତମପୁର ଥାନାର ପୂର୍ବତନ ଏସ୍‌ଆଇ ତଥା ବର୍ତ୍ତମାନ ପୋଲିସ ଚାକିରି ଛାଡ଼ି କନ୍ଧମାଳ ଜିଲା ଚକାପାଦ ବ୍ଲକରେ କାର୍ଯ୍ୟ କରୁଥିବା ମୁକ୍ତିପ୍ରକାଶ କୁଲୁ ଓ କର୍ମଚାରୀ ପ୍ରାୟ ୧୫ ଜଣ ନିରୀହ ଲୋକଙ୍କୁ ପିଟି ଲହୁଲୁହାଣ କରିଥିଲେ। ପ୍ରତିବାଦରେ ଲୋକେ ସହରର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ କରିଥିଲେ। ୨୦୧୪ ଅଗଷ୍ଟ ୨୬ରେ ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଏହି ଖବରକୁ ଭିତ୍ତିକରି ପୁରୀର ସୂଚନା ଅଧିକାର କର୍ମୀ ଜୟନ୍ତ କୁମାର ଦାଶ ଜାତୀୟ ମାନବାଧିକାର କମିଶନରଙ୍କଠାରେ ନଂ.୪୦୯୨/୧୮/୫/୨୦୧୪ରେ ମାମଲା ଦାୟର କରି ମାଡ ଖାଇଥିବା ଲୋକଙ୍କୁ କ୍ଷତିପୂରଣ, ନ୍ୟାୟ ପ୍ରଦାନ ଲାଗି ନିବେଦନ କରିଥିଲେ। ଜାତୀୟ ମାନବାଧିକାର କମିଶନ ଅଧକ୍ଷ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ଡିଜି ଓ ଗଞ୍ଜାମ ଏସ୍‌ପିଙ୍କୁ ରିପୋର୍ଟ ମାଗିଥିଲେ।

## ବାଲି, ପଥର ଚୋରା ଚାଲାଣ ଘଟଣା

# ୫ ଜଣିଆ ଟିମ୍‌ର ଅନୁଧ୍ୟାନ ଆରମ୍ଭ

ଛତ୍ରପୁର,୩।୧୨(ଡି.ଏନ.ଏ)-ଗଞ୍ଜାମ ଜିଲାରେ ବିଭିନ୍ନ ସମୟରେ ଏସବୁ ଲଘୁଖଣିଜ ଚୋରାଚାଲାଣ ହେଉଥିବା, ନିର୍ଦ୍ଧାରିତ ଠାରୁ ଅଧିକ ଖନନ ଓ ଉତ୍ତୋଳନ କରାଯାଉଥିବା ନେଇ ଅଭିଯୋଗ ହୋଇଆସୁଛି । ବିଭିନ୍ନ ସଇରାତରୁ ବାଲି, ମୋରମ ଓ ପଥର ଚୋରାଚାଲାଣ ହେଉଛି କି ନାହିଁ ଏବଂ କେତେ ପରିମାଣର ପରିବହନ ହେଉଛି ତାହାର ଖୋଳତାଡ କରିବା ପାଇଁ ମଙ୍ଗଳବାର ରାଜ୍ୟସ୍ତରରୁ ୫ ଜଣିଆ ଏକ ଟିମ୍ ଗଞ୍ଜାମ ଜିଲାକୁ ଆସିଛନ୍ତି। ଏହି ଟିମ୍ ଛତ୍ରପୁର, ପାତ୍ରପୁର, ଆସିକା ଓ ଭଞ୍ଜନଗର ଅଞ୍ଚଳରେ ଚାଲିଥିବା ବାଲି, ପଥର, ମୋରମ ସଇରାତଗୁଡ଼ିକୁ ଯାଇ ଅନୁଧ୍ୟାନ ଆରମ୍ଭ କରିଛନ୍ତି। ପୂର୍ବରୁ କବିସୂର୍ଯ୍ୟନଗର, ପୁରୁଷୋତ୍ତମପୁର, ଖଲ୍ଲିକୋଟ ତହସିଲ ଅଞ୍ଚଳରୁ ଏସବୁ ତଥ୍ୟ ସଂଗ୍ରହ କରାଯାଇଥିଲା। ଲଘୁ ଖଣିଜ ଚୋରାଚାଲାଣ ଉପରେ ଅଙ୍କୁଶ ଲଗାଇବା ନିମନ୍ତେ ଜିଲାରେ ଥିବା ସମସ୍ତ ସଇରାତରେ ସିସି କ୍ୟାମେରା ଲଗାଇ 'ଗାମା ଆପ୍' ଦ୍ୱାରା ମନିଟରିଂ କରିବାକୁ ଗଞ୍ଜାମ ଜିଲା ପ୍ରଶାସନ ନିଷ୍ପତ୍ତି ନେଇସାରିଛି । ଏହାର ମଞ୍ଜୁରୀ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ପଠାଯାଇଛି। ଅନୁମତି ମିଳିଲେ ଆପ୍ କାର୍ଯ୍ୟକାରୀ ହେବ। ଜିଲାରେ ୪୩୬ଟି ବିଭିନ୍ନ ସଇରାତ ରହିଛି। ସେଥିମଧ୍ୟରୁ ୭୮ଟି ବାଲି, ୩ଟି ମୋରମ ଓ ୨୦୪ଟି ପଥର ସଇରାତ ଏପରି ମୋଟ ୨୮୫ଟିର ଲିଜ୍ ଦିଆଯାଇଛି।

## ଛାତ୍ରୀ ଅପହରଣ ମାମଲା, ଅପହର୍ତ୍ତା ଅଟକ

# ଅପହୃତା ଛାତ୍ରୀ କେନ୍ଦ୍ରାପଡ଼ାରୁ ଉଦ୍ଧାର

ଦିଗପହଣ୍ଡି,୩।୧୨(ଡି.ଏନ.ଏ.)-ଦିଗପହଣ୍ଡି ବ୍ଲକ ଅଧୀନ ଏକ ଗାଁରୁ ଅପହୃତ ଜଣେ ଯୁକ୍ତ ୨ କଲେଜ ଛାତ୍ରୀଙ୍କୁ କେ. ନୂଆଗାଁ ପୋଲିସ କେନ୍ଦ୍ରାପଡ଼ାରୁ ଉଦ୍ଧାର କରିଛି। ଏହି ମାମଲାରେ ସମ୍ପୃକ୍ତ ଅପହର୍ତ୍ତା ମିଥୁନ ସାହୁଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଛି। ଏ ନେଇ ନଂ. ୨୨୬/୧୯ରେ ମାମଲା ରୁଜୁ ହୋଇଛି। ପୀଡ଼ିତା ଛାତ୍ରୀ ଓ ମିଥୁନ୍‌ଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଛି। ଛାତ୍ରୀ ଜଣକ ନଭେମ୍ବର ୬ ତାରିଖରେ କଲେଜ ଯାଇଥିଲେ। ସନ୍ଧ୍ୟା ସୁଦ୍ଧା ସେ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜା ଖୋଜି ପରେ କୌଣସି ସନ୍ଧାନ ନ ମିଳିବାରୁ ତାଙ୍କ ବାପା ଏନେଇ ଥାନାରେ ଏତଲା ଦେଇଥିଲେ। ଛାତ୍ରୀଙ୍କ ଘର ସମ୍ମୁଖରେ ଫାଷ୍ଟଫୁଡ୍ ଦୋକାନ କରିଥିବା ମିଥୁନ ଛାତ୍ରୀଙ୍କୁ ବିଭିନ୍ନ ମିଥ୍ୟା ପ୍ରତିଶ୍ରୁତି ଦେଇ ଅପହରଣ କରିନେଇଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡିଥିଲା।

# ଦୁର୍ନୀତି ପ୍ରତିବାଦରେ ପୁଣି ଆମରଣ ଅନଶନ



ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ।

ଟିକିଟି,୩।୧୨(ଡି.ଏନ.ଏ.)

ଟିକିଟି ବ୍ଲକ୍ ନୂଆପଡା ପଞ୍ଚାୟତର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ମଙ୍ଗଳବାର ନୂଆପଡାର ସାମାଜିକ କର୍ମୀ ହୃଷୀକେଶ ନାୟକ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ଆମରଣ ଅନଶନରେ ବସିଛନ୍ତି।

ନାୟକ କହିଛନ୍ତି ଯେ, ଉକ୍ତ ପଞ୍ଚାୟତରେ ବିଭିନ୍ନ ଯୋଜନା ପାଇଁ ଆସିଥିବା ୩୦ଲକ୍ଷ ଟଙ୍କାକୁ କୌଣସି କାମରେ ନ ଲଗାଇ ହରିଲୁଟ୍ ହୋଇଛି। ଏ ନେଇ ସେ ଗତ ଜୁଲାଇ ୧୭ ତାରିଖରେ ବ୍ଲକ୍ ପ୍ରଶାସନ ଓ ଜିଲାପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ। କିନ୍ତୁ ତଦନ୍ତ ନ ହେବାରୁ ଗାନ୍ଧୀ ଜୟନ୍ତୀ ଅବସରରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ବ୍ରହ୍ମପୁର ଉପଜିଲାପାଳ ୨୦ ଦିନ ଭିତରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରତଶ୍ରୁତି ଦେବା ପରେ ଅନଶନ ହିଟିଥିଲା। ହେଲେ ଏ ଯାଏ କୌଣସି ତଦନ୍ତ ନ ହେବାରୁ ସେ ପୁଣି ଅନଶନ କରିଛନ୍ତି। ତଦନ୍ତ ନ ହେବା ପର୍ଯ୍ୟନ୍ତ ଏହା ଜାରି ରହିବ। କୌଣସି ଅସୁବିଧା ହେଲେ ପ୍ରଶାସନ ଦାୟୀ ରହିବେ ବୋଲି ସେ କହିଛନ୍ତି। ଏ ନେଇ ନୂଆପଡାରେ ଉତ୍ତେଜନା ଲାଗି ରହିଥିଲେ ମଧ୍ୟ ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା କେ.ନୂଆଗାଁ ଥାନାଧିକାରୀ ମାଧବାନନ୍ଦ ନାୟକ କହିଛନ୍ତି। ଆନ୍ଦୋଳନକୁ ସମର୍ଥନ ଜଣାଇ ଭାଜପାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ତଥା ଟିକିଟି ନିର୍ବାଚନ ମଣ୍ଡଳୀର ଭାଜପା ନେତା ମନୋରଞ୍ଜନଦ୍ୟାନ ସାମନ୍ତରା, ଜିଲା ଯୁବ ମୋର୍ଚ୍ଚା ଉପସଭାପତି ପ୍ରିୟରଞ୍ଜନ ବେହେରା ସମେତ ବହୁ କର୍ମୀ ଅନଶନରେ ବସିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ